# ରାଜଧାନୀରେ ମଣିଗ୍ରୁପର ନୂତନ ପ୍ରକଳ୍ପ ମଣିତିରୁମାଲା

**ଭୁବନେଶ୍ୱର,ତା୮।୪(ପିଏନଏସ):** ମଣି ତିରୁମାଲା ନାମରେ ୧.୨ ନିୟୁତ ସ୍କୋୟାର ଫୁଟର ବାସଗୃହ ଯୋଜନା ଶୁକ୍ରବାର ଶୁଭାରମ୍ଭ ହୋଇଛି । ନନ୍ଦନକାନନ ରାସ୍ତାରେ ମଣିଗ୍ରୁପ ଦ୍ୱାରା ଲୋକର୍ପିତ ହେବାକୁ ଯାଉଥିବା କମ୍ପାନୀ ପକ୍ଷରୁ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି ।

ମଣିଗ୍ରୁପର ପ୍ରତିଷ୍ଠାତା ତଥା ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ସଂଜୟ ଝୁନଝୁନୱାଲା କହିଥିଲେ ଯେ, ୧୩/୧୪ ମହଲାବିଶିଷ୍ଟ ୧୧ଟି ଟାୱରରେ ବିଭାଜିତ ଏହି ବିଶାଳ ଆବାସିକ ବହୁତଳ ବିଶିଷ୍ଟ ଅଟ୍ଟାଳିକା ସମୂହ ସୁଖ ସ୍ୱାଚ୍ଛନ୍ଦ୍ୟର ଜୀବନ ପାଇଁ ହିଁ ପ୍ରସ୍ତୁତ କରାଯାଇଛି । ଏହି ପ୍ରସ୍ତାବିତ ବହୁତଳ ବିଶିଷ୍ଟ ଅଟ୍ଟାଳିକା ୭୫ ଭାଗ ସବୁଜ ଖାଲିସ୍ଥାନ ସହ ଦେଇପାରିବ ଆଧୁନିକ ଯୁଗର ସବୁ ସୁବିଧା ସୁଯୋଗ ରହିବ । ୮୦ ଭାଗ ଫ୍ଲାଟ ପାଇଁ ୩ ଦିଗରେ ଖୋଲାସ୍ଥାନ, ପାଣିବିଶୋଧନ ପ୍ଲାଣ୍ଟ, ପ୍ରଶସ୍ତକାର ପାର୍କିଂ ବ୍ୟବସ୍ଥା, ଉଚ୍ଚମାନର ସୁରକ୍ଷା ବ୍ୟବସ୍ଥା, ନିଆଁ ଏବଂ ଭୂମିକମ୍ପ ସୁରକ୍ଷା ସହ ଅନେକ ସୁବିଧା ସୁଯୋଗ ରହିବ । ଏଥିସହିତ ଖେଳ ଗୃହ ବ୍ୟବସ୍ଥା ସହ ସ୍ପା, ସୁଇମିଂପୁଲ, ଧ୍ୟାନ ଗୃହ, ଅପେକ୍ଷାସ୍ଥାନ, କଫି ସପ ଇତ୍ୟାଦି ବ୍ୟବସ୍ଥା ରହିବ । ଏହି ଫ୍ଲାଟଗୁଡ଼ିକ ଦାମ ମଧ ଖୁବ ଆକର୍ଷଣୀୟ ହେବ ବୋଲି ଶ୍ରୀ ଝୁନଝୁନୱାଲା ପ୍ରକାଶ କରିଛନ୍ତି ।

ଏହି ସାମ୍ବାଦିକ ସମ୍ମିଳନୀରେ କମ୍ପାନୀର ଅନ୍ୟ କର୍ମକର୍ତ୍ତାମାନେ ମଧ ଉପସ୍ଥିତ ଥିଲେ ।



ମଣି ତିରୁମାଲା ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମଣି ଗ୍ରୁପ୍‌ର ପ୍ରତିଷ୍ଠାତା ସଞ୍ଜୟ ଝୁନଝୁନୱାଲା ସୂଚନା ପ୍ରଦାନ କରୁଛନ୍ତି ।